ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୩୧ ଅଗଷ୍ଟ, ୨୦୧୮



ମହୁମାଛି ଅନେକ ପରିଶ୍ରମ କରି ମହୁ ସଂଗ୍ରହ କରେ। କିନ୍ତୁ ଲୋକେ ଆସି ଫେଣା ଭାଙ୍ଗି ମହୁ ନେଇଯାଆନ୍ତି। ଭୋଗ ନ କରି ବା ଦାନ ନ ଦେଇ ବହୁ କଷ୍ଟରେ ଧନ ସଞ୍ଚୟ କଲେ ଠିକ୍ ଏହିପରି ଅବସ୍ଥା ଘଟେ। - **ରାମକୃଷ୍ଣ ପରମହଂସ**



## ସଂକ୍ଷେପରେ

### ଭାଜପାର ଘାଟବନ୍ଦ ଆନ୍ଦୋଳନ, ଯାତ୍ରୀ ହଇରାଣ

**ଚାନ୍ଦବାଲି,୩୦।୮(ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ଧାମରା ପଞ୍ଚାୟତ ଭାଜପା ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଗୁରୁବାର ସକାଳୁ ମନ୍ତେଇ ନଦୀର ହବାଳି, ଚୌଧୁରୀ ଓ ବାଂଶଡା ଘାଟ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଭାଜପା କର୍ମକର୍ତ୍ତା ଏହି ୩ ଘାଟରେ ଡଙ୍ଗା ଚଳାଚଳ ବନ୍ଦ ରଖି ଧାରଣା ଦେଇଥିଲେ। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନିୟମିତ ତଥା ସ୍ୱଚ୍ଛତା ଭିତ୍ତିରେ ଘାଟ ନିଲାମ ଭଡ଼ା ନିର୍ଦ୍ଧାରଣ, ଯାତ୍ରୀଙ୍କ ସୁରକ୍ଷା ଆଦି କେତେକ ଦାବି ସମ୍ପର୍କରେ ଦଳ ପକ୍ଷରୁ ପୂର୍ବରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। କୌଣସି ସମାଧାନ ନ ହେବାରୁ ଗୁରୁବାର ଆନ୍ଦୋଳନ କରାଯାଇଥିଲା। ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ସତ୍ୟଜିତ ରାଉତ ହବାଳି ଘାଟର ଚଡଦିଆ ପାର୍ଶ୍ୱରେ ପହଞ୍ଚି ଘାଟର ଅପରପାର୍ଶ୍ୱରେ ଥିବା ଆନ୍ଦୋଳନକାରୀଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ଡଙ୍ଗା ଚଳାଚଳ ନ ହେବାରୁ ସେମାନେ ଘାଟରେ କିଛି ସମୟ ପାଇଁ ଅଟକି ରହିଥିଲେ। ଶେଷରେ ବିଡିଓ ଆନ୍ଦୋଳନସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମରା ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଓ ବାଂଶଡ଼ା ଥାନାଧିକାରୀ ରମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୧୦୯୬ ପଞ୍ଜୀକୃତ

**ଧାମନଗର,୩୦।୮(ଡି.ଏନ.ଏ.):** ଧାମନଗର ବ୍ଲକ ଦୋବଲ ଏସ୍ଏଜେ ଉଚ୍ଚ ବିଦ୍ୟାଳୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ର ନାୟକଙ୍କ ସୂଚନା ଅନୁସାରେ, ମୋଟ ୧୦୯୬ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୃଷ୍ଟିବାଧିତ ୧୩୭, ମୁକ ବଧିର ୧୭୪, ମାନସିକ ୧୪୮, ଚଳନ ଶକ୍ତି ହରାଇଥିବା ୪୦୨ ଏବଂ ୧ ରୁ ୧୮ ବର୍ଷ ମଧ୍ୟରେ ୨୧୮ ଜଣ ରହିଛନ୍ତି। ପ୍ରଧାନ ଶିକ୍ଷକ ହେମେନ୍ଦ୍ର ମହାନ୍ତି ଉଦ୍‌ଘାଟନୀ ସଭା ସଞ୍ଚାଳନ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ସୁଚାରୁ ବଳ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବିଡିଓ ବିରେନ୍ଦ୍ର ଦାସ, ତହସିଲଦାର ଚାର୍ଲସ ନାୟକ, ବିଇଓ ପବିତ୍ର ମୋହନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମନୋଜ ମଲ୍ଲିକ, ବିବିସିସି ସଭାପତି ରଘୁନାଥ ଲେଙ୍କା, ନାରାୟଣ ଚନ୍ଦ୍ର ସାହୁ, ହରେକୃଷ୍ଣ ପାଢ଼ୀ, ବିନୋଦ ନାୟକ, ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଦୋକାନରୁ ନାବାଳକ ଉଦ୍ଧାର

**ଖୁଣ୍ଟା, ୩୦।୮(ଡି.ଏନ.ଏ.):** ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ମୟୂରଭଞ୍ଜ ଜିଲା ପ୍ରଶାସନ ବହୁ ଥର ପୁରସ୍କୃତ ହୋଇସାରିଛନ୍ତି। ହେଲେ ଏହାସତ୍ତ୍ୱେ ପେଟ ପୋଷିବା ପାଇଁ ୧୪ ବର୍ଷରୁ କମ୍ ବୟସର ବହୁ ପିଲା ଏବେ ବି ପାଠ ନ ପଢି ବିଭିନ୍ନ ସ୍ଥାନରେ କାମ କରୁଥିବା ଦେଖାଦେଇଛି। ଖୁଣ୍ଟା ବଜାରର ଏକ ଫାଷ୍ଟଫୁଡ ଦୋକାନ ଉପରେ ଗୁରୁବାର ପୋଲିସ ଚଢାଉ କରି ଜଣେ ୧୦ ବର୍ଷୀୟ ନାବାଳକଙ୍କୁ ଉଦ୍ଧାର କରିଛି । ବାରିପଦା ଚାଇଲ୍ଡ ଲାଇନ ଟିମ ସଦସ୍ୟ ଭାବଗ୍ରାହୀ ଆଚାର୍ଯ୍ୟ ଖୁଣ୍ଟା ଥାନାରେ ପହଞ୍ଚି ନାବାଳକଙ୍କ ଜିମା ନେଇଛନ୍ତି। ଉକ୍ତ ବ୍ଲକ ଅଧୀନ ହାତୀସାହି କୃଷ୍ଣଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ତାଙ୍କୁ ଭର୍ତ୍ତି କରାଯିବ ବୋଲି ଶିକ୍ଷାଧିକାରୀ ଚୈତନ୍ୟ ପ୍ରସାଦ ବାରିକ କହିଛନ୍ତି । ସୂଚନାଯୋଗ୍ୟ ଯେ ନାବାଳକଙ୍କ ବାପା ନ ଥିବା ବେଳେ ମା' ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ବଡ ଭାଇ କାମ କରିବାକୁ ବାହାରକୁ ଯାଇଥିବା ବେଳେ ନାବାଳକଜଣକ ନିକଟସ୍ଥ ସ୍କୁଲରେ ପଢି ପଞ୍ଚମ ଶ୍ରେଣୀ ପାସ୍ କରିଛନ୍ତି। ହେଲେ ଏହାପରେ ଆଉ ପାଠ ପଢି ନ ପାରି ଏକ ଫାଷ୍ଟଫୁଡ ଦୋକାନରେ କାମ କରୁଥିଲେ। ସର୍ବଶିକ୍ଷା ଅଭିଯାନ ଯୋଜନାରେ ୧୪ ବର୍ଷ ରୁ କମ ବୟସ ର ପିଲାଙ୍କ ନିମନ୍ତେ ଶିକ୍ଷା ଗ୍ରହଣ ବାଧ୍ୟତାମୂଳକ ରହିଛି। ହେଲେ ଏହାସତ୍ତ୍ୱେ ଗୋଟିଏ ବିଦ୍ୟାଳୟ ରୁ ପାସ କରିଥିବା ଛାତ୍ର ଟି ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇଲା କିମ୍ବା ଘରେ ରହିଗଲା ସେ ନେଇ ଶିକ୍ଷା ବିଭାଗ ପାଖରେ କୌଣସି ତଥ୍ୟ ନ ରହିବା ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଇତିମଧ୍ୟରେ ପୋଲିସ କୌଣସି ସୂତ୍ରରୁ ସମ୍ପୃକ୍ତ ନାବାଳକ ଜଣକ ଖୁଣ୍ଟା ବଜାରରେ ଏକ ଫାଷ୍ଟଫୁଡ ଦୋକାନ ରେ କାମ କରୁଥିବା ଖବର ପାଇ ତାଙ୍କୁ ଉଦ୍ଧାର କରିଛି।

# ଆଉ ଏକ ନକଲି ଜର୍ଦ୍ଦା କାରଖାନା ଠାବ

**ଭଦ୍ରକ ଅଫିସ,୩୦।୮**

ନକଲି ଜର୍ଦ୍ଦା କାରବାରର ପେଣ୍ଠସ୍ଥଳୀ ଭଦ୍ରକରେ ଆଉ ଏକ ଜର୍ଦ୍ଦା କାରଖାନାକୁ ଠାବ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ପୁରୁଣାବଜାର ଥାନା ପୋଲିସ ଏହି ନକଲି ଜର୍ଦ୍ଦା ପ୍ରସ୍ତୁତକାରୀ କମ୍ପାନୀ ଉପରେ ଚଢାଉ କରି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରିଛି। କାରଖାନା ମାଲିକଙ୍କୁ ଗିରଫ କରାଯାଇଛି। ଗତ ୧୨ ତାରିଖରେ ଅନୁରୂପ ୨ ନକଲି ଜର୍ଦ୍ଦା କାରଖାନାକୁ ପୋଲିସ ଠାବ କରି ୫ ଜଣଙ୍କୁ ଗିରଫ କରିଥିଲା। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଠାବ ହୋଇଥିବା ଜର୍ଦ୍ଦା କାରଖାନା ପୁରୁଣାବଜାର ଥାନା ଅଧୀନ ଅଲାଲପୁର ଅଞ୍ଚଳରେ ଦୀର୍ଘବର୍ଷ ଧରି ଚାଲିଥିଲା। ମାଲିକ ଶେଖ୍ ସବିର ଖାଁ ନିଜ ଘରେ ଏହି କାରଖାନା ଚଳାଇଥିଲେ। ସେଠାରୁ ଜର୍ଦ୍ଦା ଡବା ପ୍ୟାକିଂ ମେଶିନ, କଟର ମେଶିନ, ଜର୍ଦ୍ଦା ଲିକ୍ୟୁଇଡ, ସେଣ୍ଟ ଓ



ପୋଲିସ ଦ୍ୱାରା ଜବତ ନକଲି ଜର୍ଦ୍ଦା।

- **୫ଲକ୍ଷ ଟଙ୍କାର ନକଲି ଜର୍ଦ୍ଦା ପ୍ରସ୍ତୁତ ସାମଗ୍ରୀ ଜବତ**
- **କାରଖାନା ମାଲିକ ଗିରଫ**
- **୧୮ ଦିନ ତଳେ ଜବତ ହୋଇଥିଲା ଅନ୍ୟ ୨ କାରଖାନା**

ନକଲି ଜର୍ଦ୍ଦା ସମେତ ବିଭିନ୍ନ ନାମୀଦାମୀ କମ୍ପାନୀର ଛୋଟବଡ ଖାଲି ଡବା, ନକଲି ପ୍ୟାକିଂ ଷ୍ଟିକର, ପିପରମେଣ୍ଟ ପ୍ରଭୃତି ଜବତ ହୋଇଛି। ଉକ୍ତ କାରଖାନାରୁ ନକଲି ଜର୍ଦ୍ଦା ପ୍ରସ୍ତୁତ କରି ଜିଲା ଓ ଜିଲା ବାହାରକୁ ଚାଲାଣ କରାଯାଉଥିଲା। ବୁଧବାର ଏକ ଟାଭେରା ଗାଡ଼ିରେ ନକଲି ଜର୍ଦ୍ଦା ଚାଲାଣ ହେଉଥିବା ବେଳେ ପୋଲିସ ହାବୁଡରେ ପଡିଥିଲା। ଡ୍ରାଇଭରଙ୍କୁ ଜେରା କରି ପୋଲିସ ଏହି ନକଲି ଜର୍ଦ୍ଦା କାରଖାନାର ସୁରାକ ପାଇଥିଲା। ତେବେ ଏ ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦିଆଯିବ ବୋଲି ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ନକଲି ଜର୍ଦ୍ଦା କାରବାର ସମ୍ପର୍କରେ ଗତ ୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୋଲିସ ତଦନ୍ତ ଚଳାଇ ଗୋଟିଏ ପରେ ଗୋଟିଏ କାରଖାନା ଠାବ କରିବାକୁ ସଫଳ ହୋଇଛି।

## ଆଇନଜୀବୀଙ୍କୁ ଆକ୍ରମଣ ପ୍ରତିବାଦରେ କୋର୍ଟ ବନ୍ଦ

**ଭଦ୍ରକ ଅଫିସ/ଧାମନଗର/ତିହିଡ଼ି, ୩୦।୮(ଡି.ଏନ.ଏ)**

କଟକରେ ଆଇନଜୀବୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ଭଦ୍ରକ ଜିଲା ଆଇନଜୀବୀମାନଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି। ଏନେଇ ଆଇନଜୀବୀମାନେ ଗୁରୁବାର ପ୍ରତିବାଦ ସଭା କରିବା ସହ କୋର୍ଟ ବର୍ଜନ କରିଥିଲେ। ଆଇନଜୀବୀ ସଂଘ ସଭାପତି ବିଷ୍ଣୁ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଆଇନଜୀବୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ କୋର୍ଟ ପରିସରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆଇନକୁ ସହାୟତା ପ୍ରଦାନ କରୁଥିବା ଓକିଲଙ୍କ ଉପରେ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ। ଆଇନଜୀବୀ ଦିବ୍ୟସିଂହ ନାୟକ, ଦିଲୀପ ମହାପାତ୍ର, ସନ୍ତୋଷ ଦାସ, ପାର୍ଥସାରଥୀ ପଣ୍ଡା, ତାହେର ଅହମଦଙ୍କ ସମେତ ଶତାଧିକ ଓକିଲ ଏଥିରେ ସାମିଲ ଥିଲେ। ସେହିପରି ଧାମନଗର ଓକିଲ ସଂଘ ପକ୍ଷରୁ ସମସ୍ତ ଓକିଲ କାର୍ଯ୍ୟ ବନ୍ଦ ରଖିଥିଲେ। ଏଥିସହ ଧାମନଗର କୋର୍ଟରୁ ବିଶାଳ ବାଇକ୍ ରାଲିରେ ବାହାରି ଜଳସେଚନ ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ସଂଘର ସଭାପତି ଅରୁଣ ପ୍ରକାଶ ନାୟକ, ସମ୍ପାଦକ ଅଭିରାମ ମହାନ୍ତି, ସରକାରୀ ଓକିଲ ଅମରେନ୍ଦ୍ର ମହାନ୍ତି, ବିଷ୍ଣୁ ପତି, ଓକିଲ ସ୍ନେହାଶିଷ ପଣ୍ଡା, ବାବା ହରେକୃଷ୍ଣ ସେଠୀ, ଲକ୍ଷ୍ମୀନାରାୟଣ ମହାପାତ୍ର, ଜଗନ୍ନାଥ ସେନାପତି, ମିନତି ମଲ୍ଲିକ, ପ୍ରଜ୍ଞାପରମିତା ଦାସ ପ୍ରମୁଖ ସାମିଲ ହୋଇଥିଲେ। ତିହିଡ଼ି ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ତପନ ମିଶ୍ର, ବିଷ୍ଣୁ ଦାଶ, ଗୌରହରି ମହାନ୍ତି, ସତ୍ୟସୁନ୍ଦର ପତି, ପ୍ରସନ୍ନ କୁମାର ନାୟକ, ନଳିନୀକାନ୍ତ ନାୟକ, ସୁବାସ ଚନ୍ଦ୍ର ବେହେରା, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ଭଦ୍ରକରେ ଆଇନଜୀବୀମାନେ କୋର୍ଟ ବର୍ଜନ କରି ପ୍ରତିବାଦ କରୁଛନ୍ତି।

### ୪ ବଗିରୁ କୋଇଲା ଚୋରି ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ

**ତିହିଡ଼ି,୩୦।୮(ଡି.ଏନ.ଏ.)**

ଭଦ୍ରକ-ଧାମରା ରେଳପଥର ପାଳିଆବିନ୍ଧା ପଞ୍ଚାୟତ ଅଧୀନ ଜିଝାରପୁର ନିକଟରେ ଗୁରୁବାର ଏକ ଟ୍ରେନ୍‌ର ୪ ବଗିରୁ କୋଇଲା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏଥିସହ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରାଯାଇଛି। ଏନେଇ ସିକ୍ୟୁରିଟି ଗାର୍ଡ ଧ୍ରୁବଚରଣ ନାୟକ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୫ ଜଣଙ୍କ ନାମରେ ମାମଲା (ନଂ.୨୯୬/୧୮) ରୁଜୁ କରିଛି। ଧାମରାରୁ କୋଇଲା ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଜିଝାରପୁରଠାରେ ଟ୍ରେନ ଅଟକି ଥିଲା। କେତେକ ବ୍ୟକ୍ତି ଟ୍ରେନ ବଗିର ଦ୍ୱାର ଖୋଲି କୋଇଲା ଚୋରି କରି ନେଇଯାଇଥିଲେ। ଧ୍ରୁବଚରଣ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

**ମୟୂରଭଞ୍ଜ**

## ପୁଣି ଜବତ ହେଲା ୩ ଦେଶୀ ବନ୍ଧୁକ

**ଉଦଳା, ୩୦।୮ (ଡି.ଏନ.ଏ.)**

ଶିମିଳିପାଳ ଅଭୟାରଣ୍ୟର କୋର ଏରିଆରେ ସୁରକ୍ଷା ବ୍ୟବସ୍ଥା କଡାକଡି ସତ୍ତ୍ୱେ ୪ ଦିନ ମଧ୍ୟରେ ୬ ବନ୍ଧୁକ ଜବତ ହେବା ସହ କେବଳ ଜଣଙ୍କୁ ଗିରଫ କରାଯାଇ ପାରିଛି। ପୂର୍ବରୁ ୩ ଗୋଟି ବନ୍ଧୁକ ଜବତ ହୋଇଥିବା ବେଳେ ଗୁରୁବାର ବନବିଭାଗ ଦ୍ୱାରା ଆଉ ୩ ଗୋଟି ଦେଶୀ ବନ୍ଧୁକ ଜବତ ହୋଇଛି। ଏହି ଘଟଣା ପରେ ଶିମିଳିପାଳରେ ବନ୍ୟପ୍ରାଣୀ କେତେ ସୁରକ୍ଷିତ ତାହା ପରିବେଶବିତଙ୍କୁ ଚିନ୍ତାରେ ପକାଇଛି। ବିଶେଷ ସୂତ୍ରରୁ ଖବର ପାଇ ଉଦଳା ବନବିଭାଗ ପକ୍ଷରୁ ଗୁରୁବାର ଶିମିଳିପାଳ ଅଭୟାରଣ୍ୟ କମ୍ପାଟମେଣ୍ଟ ନଂ ଇଡି -୪ ଫୁଲବାଡିଆ ଅଞ୍ଚଳରେ ଚଢାଉ କରାଯାଇଥିଲା। ଏହି ଚଢାଉ ସମୟରେ ୩ ଗୋଟି ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ଜବତ ହୋଇଛି । ତେବେ ଘଟଣାସ୍ଥଳରୁ ୨୦ ରୁ ଅଧିକ ଶିକାରୀ ଫେରାର ହୋଇଯାଇଥିବାରୁ କାହାକୁ ଗିରଫ କରାଯାଇ ପାରି ନାହିଁ। ଗତ ୪ ଦିନ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟରୁ ୬ ଗୋଟି ଦେଶୀ ବନ୍ଧୁକ ଜବତ ହେବା ବନବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ୨୭ ତାରିଖରେ ସ୍ଥାନୀୟ ବନବିଭାଗ ଉପରତାଳଡିହା ଗ୍ରାମରେ ଚଢାଉ କରି ଜଣେ ଶିକାରୀକୁ ଗିରଫ କରିବା ସହିତ ତା ନିକଟରୁ ଗୋଟିଏ ହରିଣ ଶିଙ୍ଗ ଏବଂ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲା। ଉକ୍ତ ଦିନ ଫୁଲବାଡିଆ ଗ୍ରାମରେ ଚଢାଉ କରି ଦୁଇ ଗୋଟି ଦେଶୀ ବନ୍ଧୁକ ଜବତ ହୋଇଥିବା ବେଳେ କାହାକୁ ଗିରଫ କରାଯାଇ ପାରି ନ ଥିଲା।



ଜବତ ବନ୍ଧୁକ ସହ ବନ କର୍ମଚାରୀ।

- **ଖସିଗଲେ ୨୦ ରୁ ଅଧିକ ଶିକାରୀ**
- **୪ ଦିନରେ ଶିମିଳିପାଳରୁ ଜବତ ହେଲାଣି ୬ ବନ୍ଧୁକ**
- **ବନ୍ୟପ୍ରାଣୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ।**

### ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବଡ଼ସାହି,୩୦।୮(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ନରଣଗାଁ ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ୨୦୧୭ମସିହାରେ ବୃତ୍ତି ପାଇ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଜଡିଦା କ୍ଲଷ୍ଟରର ସିଆରସିସି କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଡ଼ସାହି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବୀରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଆରସିସି ବାବାଜୀ ଚରଣ ବେହେରା, ମୁଖ୍ୟବକ୍ତା ଭାବେ ଏବିଇଓ ସୋମନାଥ ଦାସ,ସମ୍ମାନିତ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ସୋରିଷକୋଠା ଉନ୍ନିତ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ମହାପାତ୍ର, ପଠାଣୀସାମନ୍ତ ପରୀକ୍ଷାରେ ନରଣଗାଁ ଉନ୍ନୀତ ସ୍କୁଲର ଛାତ୍ରୀ ଅର୍ପିତା ସେଠୀ ଓ ୩ୟ ଶ୍ରେଣୀ ମେଧାବୃତି ପରୀକ୍ଷାରେ ନୁଶୁକୁଆ ପ୍ରାଥମିକ ସ୍କୁଲର ଛାତ୍ର ଜୀବନ ଜ୍ୟୋତି କରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି ।

## ଘରମାବେଡା ଜଙ୍ଗଲରେ ହାତୀପଲ

**ଭଞ୍ଜକିଆ,୩୦।୮**

ମୟୂରଭଞ୍ଜ ଜିଲା ଶୁକ୍ରୁଳି ବ୍ଲକ ଅଧୀନ ଘରମାବେଡା ଜଙ୍ଗଲରେ ୩ ଦିନ ହେଲା ହାତୀପଲ ପଶି ଆତଙ୍କ ଖେଳାଉଛନ୍ତି। ଉକ୍ତ ପଲରେ ୨୩ ହାତୀ ଥିବା ଜଣାଯାଇଛି। ସେମାନେ ଚାଷ ଜମିରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଦିନବେଳା ସେମାନେ ଘରମାବେଡା ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଜନବସତି ମୁହାଁ ହେଉଛନ୍ତି। ହେଲେ ବନ କର୍ମଚାରୀ ହାତୀ ପଲକୁ ଘଉଡାଉଥିବାରୁ ସେମାନେ ପୁଣି ନିକଟସ୍ଥ କେଶନା ଜଙ୍ଗଲକୁ ପଶି ଯାଉଛନ୍ତି। ହାତୀ ଭୟରେ ସ୍ଥାନୀୟ ଅଞ୍ଚଳବାସୀ ସନ୍ଧ୍ୟା ହେଲେ ଘର ତାଟି କବାଟ ପକାଇ ଦେଉଛନ୍ତି।



ଘରମାବେଡା ଜଙ୍ଗଲରେ ବିଚରଣ କରୁଥିବା ହାତୀ ପଲ।

### ସଂସ୍କୃତ ସପ୍ତାହ ପାଳିତ

**ବହଳଦା ,୩୦।୮(ଡି.ଏନ.ଏ)**

ବହଳଦା ବ୍ଲକ ଝାଡଗାଁସ୍ଥିତ ଓଡିଶା ଆର୍ଦଶ ବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ସମାପନୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବହଳଦା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ଶୁଭଶ୍ରୀ ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରାଚୀନ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ ।

ସଂସ୍କୃତ ସପ୍ତାହ ଅବସରରେ ବିଦ୍ୟାଳୟର ବିଭାଗୀୟ ଶିକ୍ଷକ ଅନୀଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସଭା କାର୍ଯ୍ୟକୁ ଶିକ୍ଷକ ଅଶୋକ କୁମାର ମଲ୍ଲିକ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସମର କୁମାର ପରିଡା ଧନ୍ୟବାଦ ଦେଇଥିଲେ ।

## ଆମରଣ ଅନଶନରେ ବସିଲେ ବିଶ୍ୱବିଦ୍ୟାଳୟ ଛାତ୍ର

**ବାରିପଦା ଅଫିସ,୩୦।୮**

ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ବିରୋଧ କରି ଅଂଶୁମାନ ଦାସଙ୍କ ନେତୃତ୍ୱରେ ଛାତ୍ରମାନେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଗୁରୁବାର ଆମରଣ ଅନଶନରେ ବସିଛନ୍ତି। ବିଶ୍ୱ ବିଦ୍ୟାଳୟ ପରିସରରେ ଏଟିଏମ କାଉଣ୍ଟର, ଛାତ୍ରାବାସର କବାଟ ଝରକାର ମରାମତି, ପାଣି ମେଶିନ ଭଳି ଆବଶ୍ୟକ ସାମଗ୍ରୀ ର ବ୍ୟବସ୍ଥା କରିବା ପାଇଁ ଏହି



ବିଶ୍ୱବିଦ୍ୟାଳୟ ଫାଟକ ନିକଟରେ ଛାତ୍ରମାନଙ୍କ ଆମରଣ ଅନଶନ ।

ଛାତ୍ରନେତାଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଗଷ୍ଟ ପହିଲାରେ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଛାତ୍ରନେତା ବିଶ୍ୱଜିତ ରାଉତ, ସୋଲମନ ସାହୁ, ଅନିଲ ଦାସ, ସୁବ୍ରତ ଚାନ୍ଦ, ପାର୍ଥସାରଥୀ ବାରିକ, ପ୍ରବୀର ସାହୁ, ଲକ୍ଷ୍ମଣ ବାରିକ, ସରତ ନାଥ, କିରଣ କୁମାର ସାହୁ, ପ୍ରଫୁଲ୍ଲ ମହା' ଏବଂ ସନ୍ଦିପ କୁମାର ପ୍ରମୁଖ ଅନଶନରେ ବସିଛନ୍ତି। ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦ ଆନ୍ଦୋଳନରତ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଥିଲା।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





### ସେଲ୍‌ଫି କର୍ନର



@ ଆଶିଷ



@ ପ୍ରୀତି



@ ଚନ୍ଦ୍ରଦେବ



@ ରତ୍ନା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲିମ ଶିବିର

**ବଡ଼ସାହି,୩୦।୮(ସ୍ୱ.ପ୍ର)**

ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନସାଧାରଣଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ସେବା ସହ ପରିବାର ନିୟୋଜନ ସେବା ଯୋଗାଇବା ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ କୁନ୍ତିମଣି ପାତ୍ର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ସହ ସୁସମ୍ପର୍କ ରଖିବା ଓ ପରିବାର ନିୟୋଜନ ସେବାର ଉପଲବ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ । କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ବିଶ୍ୱଜିତ ସାହୁ, ଡକ୍ଟର ଦେବାଶିଷ ଆଚାର୍ଯ୍ୟ ଓ ତୃପ୍ତି ରଞ୍ଜନ ଦାଶ ଉପସ୍ଥିତ ରହି ରୋଗୀ କଲ୍ୟାଣ ସମିତି ସଦସ୍ୟମାନଙ୍କୁ ଗୁଣାତ୍ମକ ସେବା ଏବଂ ରୋଗୀ କଲ୍ୟାଣ ସମିତିର ଭୂମିକା ସମ୍ପର୍କରେ ତାଲିମ ପ୍ରଦାନ କରିଛନ୍ତି। ଶେଷରେ ବିପିଏମ କମଲ ଲୋଚନ ରଣା ଧନ୍ୟବାଦ ଅର୍ପଣ କରିଛନ୍ତି।

# ବଳାତ୍କାର ଉଦ୍ୟମ:୨ ଭାଇ ଗିରଫ

ବନ୍ତ,୩୦।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଞ୍ଚଳରେ ଜଣେ ମହିଳା ଓ ତାଙ୍କ ନାବାଳିକା ନଣନ୍ଦଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ୨ ଭାଇ ଗୋପବନ୍ଧୁ ଓ ମାନସଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏନେଇ ଆଗରପଡ଼ା ଥାନାରେ ଏକ ମାମଲା(ନଂ. ୧୦୧/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ବିଶଲକଣା ଗ୍ରାମର ଗୋପବନ୍ଧୁ ନାୟକ ଓ ତାଙ୍କ ସାନଭାଇ ମାନସ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଣେ ଆଦିବାସୀ ମହିଳାଙ୍କ ଘରେ ପହଞ୍ଚିଥିଲେ। ସେହି ମହିଳା ଓ ତାଙ୍କ ନାବାଳିକା ନଣନ୍ଦଙ୍କୁ ଏହି ଦୁଇ ଭାଇ ବଳାତ୍କାର ଉଦ୍ୟମ କରିଥିଲେ। ନଣନ୍ଦ ଚିତ୍କାର କରିବାରୁ ସେମାନେ ସେଠାରୁ ପଳାଇଯାଇଥିଲେ। ଏନେଇ ଆଗରପଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଦୁଇ ଭାଇଙ୍କୁ ଗିରଫ କରିଥିଲା।

# ୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଜଳେଶ୍ୱର, ୩୦।୮(ଡି.ଏନ୍.ଏ)

ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଗୁରୁବାର ସକାଳେ ୬୦ ନମ୍ବର ଜାତୀୟ ରାଜପଥ ଚାଲନ୍ତୀ ଛକ ବାଇପାସ୍‌ଠାରେ ଅତର୍କିତ ଭାବେ ଧରପଗଡ଼ କରି ୧ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣ ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଅଞ୍ଚଳର ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ସହର ହରଚଣ୍ଡୀ ସାହିର ଦୀପକ କୁମାର ମହାପାତ୍ର(୨୮) ଓ ଅନ୍ୟ ଜଣେ ପୁରୀ ଜିଲା ସତ୍ୟବାଦୀ ଥାନା ସାକ୍ଷୀଗୋପାଳ ଅଞ୍ଚଳର ସୁଆରସାହି ଗ୍ରାମର ଧୀରେନ ମହାପାତ୍ର(୩୫)। ଏହି ଘଟଣାକୁ ନେଇ ଜଳେଶ୍ୱର ଥାନାରେ ପୋଲିସ ନିଜ ତରଫରୁ ଏକ ମାମଲା(ନଂ.୨୬୦/୨୦୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜବତ ବେଳେ ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ, ମାଜିଷ୍ଟ୍ରେଟ୍ ଇନଚାର୍ଜ ଭାବେ ଅତିରିକ୍ତ ତହସିଲଦାର ମହେନ୍ଦ୍ର କୁମାର ବେହେରା,ସବ୍ ଇନ୍ସପେକ୍ଟର ମନୋରମା ବାରିକ,ସେକ୍ ଇମରାନ୍, ଏଏସ୍‌ଆଇ ସତ୍ୟନାରାୟଣ ବଳ ଓ ଅନ୍ୟ ପୋଲିସ କର୍ମଚାରୀ ସମେତ ପ୍ରତ୍ୟକ୍ଷଦର୍ଶୀ ଜନସାଧାରଣ ଉପସ୍ଥିତ ଥିଲେ। ଗିରଫ୍ ଅଭିଯୁକ୍ତଦ୍ୱୟଙ୍କ ବୟାନ ଅନୁଯାୟୀ, ଜଳେଶ୍ୱର ଅଞ୍ଚଳର ବ୍ରାଉନ୍‌ସୁଗାର ବ୍ୟବସାୟୀ ରାଜୁଙ୍କ ସମ୍ପର୍କୀୟ ମାମୁଁଠାରୁ ସେମାନେ ୩୧ ହଜାର ଟଙ୍କା ଦେଇ ଏହି ୧୦ ଗ୍ରାମ ବ୍ରାଉନ୍‌ସୁଗାର କିଣିଥିଲେ। ଏହାପରେ ଭୁବନେଶ୍ୱର ଯିବା ପାଇଁ ରୂପ୍‌ସା ଷ୍ଟେସନରୁ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ୍ ଧରିବା ନିମନ୍ତେ ଜଳେଶ୍ୱର ଅଟୋଷ୍ଟାଣ୍ଡରୁ ଏକ ଅଟୋରେ ରୂପ୍‌ସା ଅଭିମୁଖେ ବାହାରିଥିଲେ। ପୋଲିସ ଉକ୍ତ ଅଟୋକୁ ମଧ୍ୟ ଜବତ କରିଛି। ଅଟୋର ଚାଳକଙ୍କ ଏହି ମାମଲାରେ ସମ୍ପୃକ୍ତ ନ ଥିବାରୁ ପୋଲିସ ତାଙ୍କୁ ଛାଡ଼ିଦେଇଛି।

# ତୁଡ଼ିଗଡ଼ିଆରୁ ଚୋରି, ଫଗୁଣାରୁ ଲୁଟ୍

ଖଇରା, ୩୦।୮(ଡି.ଏନ.ଏ.)

ବୁଧବାର ରାତିରେ ଖଇରା ଥାନା ଅଧୀନ ତୁଡିଗଡିଆ ବଜାରସ୍ଥିତ କମଳାକାନ୍ତ ପଣ୍ଡା ମୋବାଇଲ ଦୋକାନରୁ ଚୋରି ହୋଇଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଚୋରମାନେ ବ୍ୟବସାୟୀ ପଣ୍ଡାଙ୍କ କବାଟ ଭାଙ୍ଗି ନଗଦ ୧୦ହଜାର ଟଙ୍କା ଓ ଆନୁମାନିକ ଦେଢ଼ଲକ୍ଷ ଟଙ୍କାର ମୋବାଇଲ ସାମଗ୍ରୀ ନେଇ ପଳାଇଥିବାର ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଖଇରା ଥାନା ଏଏସ୍‌ଆଇ ପ୍ରଦୀପ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହାଛଡା ବୁଧବାର ଅପରାହ୍ନରେ ମହତୀପୁର ପଞ୍ଚାୟତ ଅଧୀନ ଗନ୍ଧାଳୀ ଗ୍ରାମର ରମାକାନ୍ତ ମହାନ୍ତିଙ୍କ ଝିଅ ଗୀତାଞ୍ଜଳି ଖଇରା କଲେଜରୁ ଘରକୁ ଫେରୁଥିବା ବେଳେ ଫଗୁଣା ଜଙ୍ଗଲ ନିକଟରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ଭ୍ୟାନିଟ ବ୍ୟାଗକୁ ଛଡାଇ ନେଇଥିଲେ। ଏଥିରେ ମୋବାଇଲ ଓ ୧ହଜାର ଟଙ୍କା ଥିଲା ବୋଲି ଗୀତାଞ୍ଜଳି କହିଛନ୍ତି।











See Career Appointment on every Wednesday & Saturday



